# ତହସିଲଦାରଙ୍କ କାର୍ଯ୍ୟାଳୟ, ଜଳେଶ୍ୱର

**ବିଜ୍ଞପ୍ତି ସଂଖ୍ୟା. ୩୪୮୫ ତା.୨୬.୦୬.୨୦**

## ସୈରାତ ଉତ୍ସ ନିଲାମ ବିଜ୍ଞାପନ ନିମନ୍ତେ

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଜଳେଶ୍ୱର ତହସିଲ ଅଧିନସ୍ଥ ବିଭିନ୍ନ ସୈରାତ ଉତ୍ସ ଗୁଡିକୁ ଚଳିତ ଆର୍ଥିକ ବର୍ଷ ଅର୍ଥାତ 2020-21 ନିମନ୍ତେ ପୂର୍ବ ନିର୍ଧାରିତ ତାରିଖ **10.07.20** ଦିବା 11 ଘଟିକା ସମୟରେ ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ରେ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ପ୍ରକାଶ୍ୟ ନିଲାମ ଦେବା ପାଇଁ ସ୍ଥିରୀକୃତ ହୋଇଅଛି । ଏଣୁ ନିଲାମ ନେବାକୁ ଥିବା ସୈରାତ ଉତ୍ସ ଗୁଡିକର ବିଶଦ ବିବରଣୀ ନିମ୍ନରେ ଥିବା ସରଣୀରେ ପ୍ରଦତ୍ତ ହୋଇଅଛି। ଏଣୁ ନିଲାମ ନେବାକୁ ଆଗ୍ରହୀ ବ୍ୟକ୍ତିମାନେ ଉକ୍ତ ଧାର୍ଯ୍ୟ ତାରିଖ ଓ ସମୟରେ ତହସିଲ କାର୍ଯ୍ୟାଳୟ ରେ ଉପସ୍ଥିତ ହୋଇ ନିଲାମରେ ଅଂଶ ଗ୍ରହଣ କରିପାରିବେ। ନିଲାମରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ସମ୍ପୃକ୍ତ ଉତ୍ସ ନିମନ୍ତେ ଧାର୍ଯ୍ୟ ସରକାରୀ ମୂଲ୍ୟର ଶତକଡା 10% (ଦଶ ପ୍ରତିଶତ) ବଇନା ଧନ (earnest money) ବାବଦକୁ ନଗଦ ଅର୍ଥ କିମ୍ବା ବାଙ୍କ ଡ୍ରାଫ୍ଟ ଆକାରରେ ନିଲାମ ରେ ଅଂଶ ଗ୍ରହଣ ପୂର୍ବରୁ ଦାଖଲ ଦେବେ ଅନ୍ୟଥା ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ ନାହିଁ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ସର୍ବୋଚ୍ଚ ନିଲାମ ଡ଼ାକିଥିବା ବ୍ୟକ୍ତିଙ୍କୁ ପ୍ରାଧାନ୍ୟ ଦେବାପାଇଁ ନିଲାମ କର୍ତ୍ତୃପକ୍ଷ ବାଧ୍ୟ ରହିବେ ନହିଁ। କିମ୍ବା ଅନୁଷ୍ଠାନିକ ଭାବେ ସୂଚାଇ ଦିଆନଯିବା ପର୍ଯ୍ୟନ୍ତ ସାମୂହିକ ଭାବେ ସ୍ଥିରୀକୃତ (provisionally selected) ନୀଲାମଧାରୀ ସମ୍ପୃକ୍ତ ଉତ୍ସ ଉପରେ କୌଣସି ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ । ନିଲାମ ସାବ୍ୟସ୍ତ ସୂଚନା ପ୍ରଦାନ ମାତ୍ରେ ନିଲାମ ଗ୍ରହିତ ସମ୍ପୃକ୍ତ ଉତ୍ସ ବବାଦକୁ ସମସ୍ତ ରାଶି ଏକକାଳୀନ ଦାଖଲ କରିବାକୁ ବାଧ୍ୟ ରହିବେ। ଅନ୍ୟଥା ତାଙ୍କର ବଇନା ଧନ ବ୍ୟାଜ୍ୟାପ୍ତି କରାଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯଦି ଉପରକ୍ତ ଧାର୍ଯ୍ୟ ତାରିଖରେ କୌଣସି ସୈରାତ ଉତ୍ସ ନିଲାମ ହୋଇ ନ ପାରିଲା ତେବେ ଉକ୍ତ ଉତ୍ସ ଗୁଡିକର ତାଲିକା ତହସିଲ କାର୍ଯ୍ୟାଳୟ ର ନୋଟିସ ବୋର୍ଡ ରେ ପ୍ରକାଶନ କରାଯାଇ ଦ୍ୱିତୀୟ ପର୍ଯାୟରେ ଧାର୍ଯ୍ୟ ତା - **17.07.20** ରିଖରେ ଉପରକ୍ତ ପ୍ରକାରେ ନିଲାମ କରାଯିବ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ରେ ନିଲାମ ହୋଇ ପାରିନଥିବା ଉତ୍ସ ଗୁଡିକୁ ତୃତୀୟ ପର୍ଯ୍ୟାୟ ରେ ତା **24.07.20** ରିଖରେ ଉପରକ୍ତ ପ୍ରକ୍ରିୟା ଅନୁଯାରେ ନିଲାମ ଦିଆଯିବ। ଅନିବାର୍ଯ୍ୟ କାରଣ ବଶତଃ କିମ୍ବା କୌଣସି କାରଣ ନ ଦର୍ଶାଇ ନିଲାମ ପ୍ରକ୍ରିୟାକୁ ସ୍ଥଗିତ ରଖିବା କିମ୍ବା ବାତିଲ କରିବାର କ୍ଷମତା କର୍ତ୍ତୃପକ୍ଷଙ୍କର ରହିଅଛି।

ମତ୍ସ୍ୟ ନିମନ୍ତେ ଉଦ୍ଦିଷ୍ଟ ଉତ୍ସ ଗୁଡିକ ନିମନ୍ତେ ନିଲାମରେ ଅଂଶ ଗ୍ରହଣ କରିଥିବା ଆଗ୍ରହୀ ମତ୍ସ୍ୟ ସମବାୟ ସମିତି (Fisheries Co-Operative Society) ମାନଙ୍କୁ ଅଗ୍ରାଧିକାର ଦିଆଯିବ ।

### ନିଲାମ ପାଇଁ ଉଦ୍ଦିଷ୍ଟ ଉତ୍ସ ଗୁଡିକର ସାରଣୀ

| କ୍ରମିକ ନଂ | ସୈରାତ ଉତ୍ସ ର ନାମ | ରାଜସ୍ୱ ନିରିକ୍ଷକ ମଣ୍ଡଳର ନାମ | ମୌଜା | ତପସିଲ ବୃତି | ସରକାରୀ ଧାର୍ଯ୍ୟ ମୂଲ୍ୟ (ଟଙ୍କା) |
|---|---|---|---|---|---|
| ୧ | ସାପ୍ତାହିକ ହାଟ ମାଙ୍କିଡିଆ | ଓଲମରା | ମାଙ୍କିଡିଆ | ଖାତା -୮୨୦<br>ପ୍ଲଟ-୩୭୯୪ ୦. ୬୪ | ୧୨୧୫୫/- |
| ୨ | କଳମା ଖାଳ | ସରଡିହା | କଳମା | ଖାତା -୧୭୪<br>ପ୍ଲଟ-୭୮୦୫ ଏ. ୧ .୯୦<br>ପ୍ଲଟ-୭୯୫୦[illegible] ଏ.୦ .୮୦ | ୨୨୦୦୦/- |
| ୩ | ବଜାରଶୋଳ ନଦୀ | ସରଡିହା | ବଜାରଶୋଳ | ଖାତା -୩୮୮<br>ପ୍ଲଟ-୧୨୫୩ ଏ. ୫୦. ୦୦ | ୪୫୪୩୦/- |
| ୪ | କୁଣ୍ଢୁଳିଚକ ନଦୀ | ସରଡିହା | କୁଣ୍ଢୁଳିଚକ | ଖାତା -୧୫୧<br>ପ୍ଲଟ-୪୦୧ ଏ. ୫୭.୩୮ | ୪୩୧୨୦/- |

Scanned by CamScanner

| | | | | | |
|---|---|---|---|---|---|
| ୫ | ରାଜପୁର ନଦୀ | ଜଳେଶ୍ୱର | ରାଜପୁର | ଖାତା -୯୭୨<br>ପ୍ଲଟ-୩୮୫ ଏ. ୦ . ୦୪<br>ପ୍ଲଟ-୧୬୦୧ ଏ. ୦ . ୦୮<br>ପ୍ଲଟ-୯୪ ଏ. ୧ . ୨୦<br>ପ୍ଲଟ-୩୧୪ ଏ. ୧ . ୧୦<br>ପ୍ଲଟ-୩୫୮ ଏ. ୦ . ୦୪<br>ପ୍ଲଟ-୧୬୦୨ ଏ. ୦ . ୦୮ | ୫୭୦୯୦/- |
| ୬ | ଶ୍ରୀରାମପୁର ନାଳ | ସରଡିହା | ଶ୍ରୀରାମପୁର | ଖାତା -୧୪୬<br>ପ୍ଲଟ-୨୩୦ ଏ. ୦ .୫୨ | ୭୭୦/- |
| ୭ | ଶ୍ରୀରାମପୁର ନଦୀ | ସରଡିହା | ଶ୍ରୀରାମପୁର | ଖାତା -୧୪୬<br>ପ୍ଲଟ-୫୫୭ ଏ. ୭୫.୭୩ | ୪୦୭୦/- |
| ୮ | ମାଣିକଚକ ନଦୀ | ଜଳେଶ୍ୱର | ଶାସନବାଦ | ଖାତା -୨୪୨<br>ପ୍ଲଟ-୧୩ , ୧୪ , ୩୧, ୩୨,<br>୩୬, ୩୭, ୪୯, ୬୭। ୬୮,<br>୬୯, ୯୦, ୯୦, ଏ. ୦.୮୪ | ୧୬୫୦/- |
| ୯ | ଦେଉଳା ବାଦ ପୋଖରୀ | ନାମୋ | ଦେଉଳା ବାଦ | ଖାତା -୧୫୪<br>ପ୍ଲଟ-୧୬୯ ଏ. ୦.୮୩ | ୧୨୧୦/- |

ତହସିଲଦାର ଜଳେଶ୍ୱର

ପରିପତ୍ର ସଂଖ୍ୟା ୩୫୪୬ ତା. ୨୬.୮.୨୦

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ / ପଞ୍ଚାୟତ ସମିତି, ଜଳେଶ୍ୱର କାର୍ଯ୍ୟାଳୟ/ ସମ୍ପୃକ୍ତ ଥାନା/ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ/ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ/ ତହସିଲ କାର୍ଯ୍ୟାଳୟ ର ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କର ଗୋଚରାର୍ଥେ ପ୍ରକାଶନ ନିମନ୍ତେ ପ୍ରେରଣା କରାଗଲା । ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମର ପ୍ରକାଶ୍ୟ ସ୍ଥାନରେ ପ୍ରକଶନ ନିମନ୍ତେ ପ୍ରେରଣ କରାଗଲା । ସମ୍ପୃକ୍ତ ଉତ୍ସ ଗୁଡ଼ିକର ପୂର୍ବ ତିନି ବର୍ଷ ମଧ୍ୟରେ ଥିବା ନିଲାମ ଗ୍ରହିତା କିମ୍ବା ସେମାନଙ୍କର ଉତ୍ତରାଧିକାରୀ ମାନଙ୍କ ଗୋଚରାର୍ଥେ ଜଣାଇ ଦିଆଗଲା ।

ତହସିଲଦାର ଜଳେଶ୍ୱର

ପରିପତ୍ର ସଂଖ୍ୟା ୩୫୪୭ ତା ୨୬.୮.୨୦

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ବାଲେଶ୍ୱର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର ଜଳେଶ୍ୱର

Scanned by CamScanner